ମୌଳିକ ଶିକ୍ଷା ପରିଷଦ ଏବଂ ଅନ୍ୟଜଣେ

ବନାମ

ଶ୍ରୀମତୀ ସୁଗ୍ନା ଦେବୀ ଏବଂ ଅନ୍ୟମାନେ

ଡିସେମ୍ବର 12, 2003

[ଏସ୍. ରାଜେନ୍ଦ୍ର ବାବୁ ଏବଂ ରୁମା ପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ୟୁ.ପି. ମୌଳିକ ଶିକ୍ଷା ଅଧିନିୟମ, 1972:*

*ମୌଳିକ ଶିକ୍ଷା - ଶିକ୍ଷକଙ୍କ ସେବା - ବରଖାସ୍ତ - ବରଖାସ୍ତ ଆଦେଶ ଜାରି ନକରି - ଏହାର ବୈଧତା - ନିର୍ଣ୍ଣୟ ହେଲା:ବୈଧ ଭାବରେ ନିଯୁକ୍ତ ଶିକ୍ଷକଙ୍କ ସେବାକୁ ବରଖାସ୍ତ ଆଦେଶ ଜାରି ନକରି ସମାପ୍ତ କରାଯାଇପାରିବ ନାହିଁ- ବରଖାସ୍ତକୁ ବାତିଲ କରାଯାଇଛି ।*

*ସୀମାବନ୍ଧନ ଅଧିନିୟମ, 1963:*

*ଧାରା 22 - ନିରନ୍ତର ଭଙ୍ଗ ଏବଂ ଦେୱାନୀ ଦୋଷ - କାର୍ଯ୍ୟାନୁଷ୍ଠାନର କାରଣ - ପ୍ରତି ମାସରେ ବେତନ ପୁନରାବୃତ୍ତି - ନିର୍ଣ୍ଣୟ ହେଲା: କାର୍ଯ୍ୟାନୁଷ୍ଠାନର କାରଣ ଜାରି ରହିଥିଲା - ତେଣୁ, ସୀମାବନ୍ଧନର ପ୍ରଶ୍ନ ଉଠିନଥିଲା ।*

**ଉତ୍ତରଦାତା ସଂଖ୍ୟା 1 ଙ୍କୁ ଜିଲ୍ଲା ପରିଷଦର ତତ୍କାଳୀନ ସଭାପତି ସହକାରୀ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ । ଉତ୍ତରଦାତା ସଂଖ୍ୟା 1 ଦୀର୍ଘକାଳୀନ ଅସୁସ୍ଥତାର ପରିଣାମ ସ୍ୱରୂପ ଦୀର୍ଘ ଛୁଟିରେ ଥିଲେ, ଏବଂ ସେ ପୁନର୍ବାର ଯୋଗଦେବା ପରେ ତାଙ୍କର ସେବା ବିନା କୌଣସି ବରଖାସ୍ତ ଆଦେଶରେ ସମାପ୍ତ କରାଯାଇଥିଲା । ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା କରାଯାଇଥିବା ନିବେଦନ ପତ୍ର ବୃଥା ଥିଲା । ଇତି ମଧ୍ୟରେ ୟୁ.ପି. ମୌଳିକ ଶିକ୍ଷା ଅଧିନିୟମ, 1972 ଅନୁଯାୟୀ ମୌଳିକ ଶିକ୍ଷାକୁ ଜିଲ୍ଲା ପରିଷଦରୁ ମୌଳିକ ଶିକ୍ଷା ପରିଷଦ ଗ୍ରହଣ କରିଥିଲା ।**

**ଉତ୍ତରଦାତା ସଂଖ୍ୟା 1 ରାଜ୍ୟ ଲୋକସେବା ନ୍ୟାୟାଧିକରଣ ସମ୍ମୁଖରେ ଏକ ଦାବି ଆବେଦନ ଦାୟର କରିଥିଲେ, ଯାହା ଏହି ଆଧାରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଯେ ଦାବି ତମାଦି ହୋଇଥିଲା ଏବଂ ସେ ଜିଲ୍ଲା ପରିଷଦ ସଭାପତିଙ୍କ ଦ୍ୱାରା ବୈଧ ଭାବରେ ନିଯୁକ୍ତ ହୋଇଥିଲେ ବୋଲି ଉତ୍ତରଦାତା ସଂଖ୍ୟା 1 ପ୍ରମାଣ କରିପାରିନଥିଲେ ।**

**ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1 ଦ୍ୱାରା ଦାୟର ଆଜ୍ଞାଦେଶ ଆବେଦନକୁ ମଞ୍ଜୁର କରିଥିଲେ ଯେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଥିଲେ, ଯେହେତୁ ପ୍ରତି ମାସରେ ଦରମା ପୁନରାବୃତ୍ତି ହେଉଥିଲା,**

**ତେଣୁ କାର୍ଯ୍ୟ ଜାରି ରହିଛି ଏବଂ ସେଥିପାଇଁ ଦାବି ସୀମାବନ୍ଧନ ଦ୍ୱାରା ପ୍ରତିବନ୍ଧିତ ନୁହେଁ । ସେଥିପାଇଁ ଏହି ଅପିଲ ।**

**ଏହି ଅପିଲକୁ ଖାରଜ କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଉତ୍ତରଦାତା ସଂଖ୍ୟା 1 ଙ୍କୁ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତ କରିଥିଲେ ଏବଂ ଛୁଟି ପରେ ତାଙ୍କୁ ଶିକ୍ଷୟିତ୍ରୀ ଭାବରେ ଯୋଗଦେବାକୁ ବାରଣ କରାଯାଇଥିଲା । ଥରେ ସମାପ୍ତି କିମ୍ବା ବରଖାସ୍ତର କୌଣସି ଆଦେଶ ଉପସ୍ଥାପନ କରାଯାଇନଥିଲେ, ଆଇନଗତ ପ୍ରକ୍ରିୟା ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1 ର ସେବା ମୌଳିକ ଶିକ୍ଷା ପରିଷଦକୁ ସ୍ଥାନାନ୍ତରିତ ହୋଇଥିବା ବିବେଚନା କରିବାକୁ ପଡିବ । ସେହି ପରିସ୍ଥିତିରେ, ତାଙ୍କୁ ସେବାରେ ଜାରି ରହିଥିବା ବିବେଚନା କରିବାକୁ ପଡିବ ଏବଂ ପ୍ରତି ମାସରେ ଦରମା ପ୍ରଦାନ କରାଯାଉଥିଲା ଯାହା ତାଙ୍କୁ କାର୍ଯ୍ୟରେ ନିରନ୍ତରତାର ପ୍ରମାଣ ଦେଇଥିଲା । ତେଣୁ ଏହି କ୍ଷେତ୍ରରେ ସୀମାବନ୍ଧନର ପ୍ରଶ୍ନ ମଧ୍ୟ ଉଠିବ ନାହିଁ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3957/1998 ।

ଡବ୍ଲ୍ୟୁ.ପି. ସଂଖ୍ୟା 8585/1986 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 29.7.97 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ସୁବୋଧ ମାର୍କଣ୍ଡେୟ, ଶ୍ରୀମତୀ ଚିତ୍ରା ମାର୍କଣ୍ଡେୟ ଏବଂ ସୁଶ୍ରୀ ଫିରୋଜା ବାନୋ ।

ଉତ୍ତରଦାତାମାନଙ୍କ ପାଇଁ ମନୋଜ ସ୍ୱରୂପ, ସୁଶ୍ରୀ ଲଳିତା କୋହଲି ଏବଂ ଆର୍.ଏନ୍. ପାଣ୍ଡେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ ।** ଏହି ପ୍ରସଙ୍ଗରେ ବିଚାର ପାଇଁ ସଂକ୍ଷିପ୍ତ ପ୍ରଶ୍ନ ହେଉଛି ଉତ୍ତରଦାତା ସଂଖ୍ୟା 1-ଶ୍ରୀମତୀ ସୁସ୍ମା ଦେବୀଙ୍କୁ ଆବେଦନକାରୀ ସଂଖ୍ୟା 1-ମୌଳିକ ଶିକ୍ଷା ପରିଷଦ, ଆହ୍ଲାବାଦ (ୟୁପି) ଦ୍ୱାରା ନିଯୁକ୍ତ ଜଣେ ଶିକ୍ଷୟିତ୍ରୀ ଭାବରେ ବିବେଚନା କରାଯାଇପାରିବ କି ନାହିଁ ।

ଉତ୍ତରଦାତା ସଂଖ୍ୟା 1 ମାମଲାକୁ ବଜାୟ ରଖିଥିଲେ ଯେ ତାଙ୍କୁ 22/03/1966 ରେ ଗୋଣ୍ଡା ଜିଲ୍ଲା **ପରିଷଦ**ର ସଭାପତିଙ୍କ ଦ୍ୱାରା ଗୋଣ୍ଡା ଜିଲ୍ଲାର ମାଲ୍ଲାୱାନର କନ୍ୟା ପାଠଶାଳାରେ ସହକାରୀ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ପରେ ତାଙ୍କୁ ପାରସପୁର ସ୍ଥାନାନ୍ତର କରାଯାଇଥିଲା । ପରେ ତାଙ୍କୁ ପୁନର୍ବାର ମାଲ୍ଲାୱାନକୁ ସ୍ଥାନାନ୍ତରିତ କରାଯାଇଥିଲା । ତାଙ୍କର ଦୀର୍ଘକାଳୀନ ଅସୁସ୍ଥତା କାରଣରୁ ସେ ଜୁଲାଇ 1970ରୁ 14/05/1971 ମଧ୍ୟରେ ଏବଂ ତା'ପରେ ଜୁଲାଇ 1971 ରୁ 29/12/1971 ମଧ୍ୟରେ ଛୁଟି ନେଇଥିଲେ ।

ଯେତେବେଳେ ସେ 30/12/1971 ରେ ଫେରିଥିଲେ, ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ କହିଥିଲେ ଯେ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି । କିନ୍ତୁ ତାଙ୍କୁ କୌଣସି ସମାପ୍ତି ଆଦେଶ ପ୍ରଦାନ କରାଯାଇ ନଥିଲା । ମୁଖ୍ୟ ଶିକ୍ଷୟିତ୍ରୀ ତାଙ୍କୁ ସ୍ଥାନାନ୍ତର ପାଇଁ ଜିଲ୍ଲା ପରିଷଦକୁ ଯୋଗାଯୋଗ କରିବା ପାଇଁ କହିଥିଲେ । ସେହି ଅନୁଯାୟୀ ସେ ତାଙ୍କୁ ଅନ୍ୟ ବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲା ପରିଷଦର ଅଧ୍ୟକ୍ଷଙ୍କ ସମ୍ମୁଖରେ ନିବେଦନ ପତ୍ର ଉପସ୍ଥାପନା କରିଥିଲେ । ଏହି ନିବେଦନ ପତ୍ର ପାଇଁ ଅନେକ ପରବର୍ତ୍ତୀ ସ୍ମରଣ ପତ୍ର ପଠାଯାଇଥିଲା  ସେତେବେଳକୁ ୟୁପି ଅଧିନିୟମ ସଂଖ୍ୟା 34/1927 ଅନୁଯାୟୀ, ଜିଲ୍ଲା ପରିଷଦରୁ ମୌଳିକ ଶିକ୍ଷା ପରିଷଦ ମୌଳିକ ଶିକ୍ଷାକୁ ଗ୍ରହଣ କରିଥିଲା । ଏହା ପରେ ଉତ୍ତରଦାତା ସଂଖ୍ୟା 1 ଜିଲ୍ଲା ମୌଳିକ ଶିକ୍ଷା ଅଧିକାରୀ, ମୌଳିକ ଶିକ୍ଷା ପରିଷଦର ସଚିବ ଏବଂ ଏପରିକି ମନ୍ତ୍ରୀଙ୍କ ନିକଟକୁ ଯାଇ ଅନୁରୋଧ କରିଥିଲେ ଏବଂ ଅନେକ ନିବେଦନ ପତ୍ର ପ୍ରଦାନ କରିଥିଲେ । ଏହା ପରେ ସେ ୟୁପି ଲୋକ ସେବା ନ୍ୟାୟାଧିକରଣରେ ଏକ ଦାବି ଆବେଦନ ଦାୟର କରିଥିଲେ ।

ମୌଳିକ ଶିକ୍ଷା ପରିଷଦ ଏହି ଆଭିମୁଖ୍ୟ ବଜାୟ ରଖିଥିଲା ଯେ ସେ କେବେବି ସେମାନଙ୍କର କର୍ମଚାରୀ ନଥିଲେ ଏବଂ ଯେହେତୁ ସେ କୌଣସି ଦସ୍ତାବିଜ ଉପସ୍ଥାପନ କରିପାରିନଥିଲେ ଯାହା ତାଙ୍କ ସେବାର ତଥ୍ୟକୁ ପ୍ରାମାଣିକ କରିପାରିବ, ଏହି ମାମଲାକୁ ଏକ ମନଗଢ଼ା ମାମଲା ଭାବରେ ପ୍ରତ୍ୟାଖ୍ୟାନ କରିବାକୁ ପଡିବ । ବିଦ୍ୱାନ ନ୍ୟାୟାଧିକରଣ ଜାଣିବାକୁ ପାଇଲେ ଯେ ଯେହେତୁ ସେ ପ୍ରମାଣ କରିପାରିଲେ ନାହିଁ ଯେ ଜିଲ୍ଲା ପରିଷଦ, ଗୋଣ୍ଡାର ସଭାପତି ତାଙ୍କୁ ବୈଧ ଭାବରେ ନିଯୁକ୍ତ କରିଛନ୍ତି କିମ୍ବା ସେ ଜଣେ ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି, ଉଭୟ ଦୀର୍ଘ ବିଳମ୍ବ ଏବଂ ଯୋଗ୍ୟତା ଆଧାରରେ ଦାବି ଦରଖାସ୍ତକୁ ଖାରଜ କରାଯାଇଥିଲା ।

ସେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ନ୍ୟାୟାଧିକରଣର ଆଦେଶକୁ ଆପତ୍ତି କରି ଏକ ଆଜ୍ଞାଦେଶ ଆବେଦନ ଆଗତ କରିଥିଲେ । ଆଜ୍ଞାଦେଶ ଆବେଦନ ସହିତ ସେ ନ୍ୟାୟାଧିକରଣ ସମ୍ମୁଖରେ ତାଙ୍କ ଦ୍ୱାରା ନିର୍ଭର କରାଯାଇଥିବା ସମସ୍ତ ଦଲିଲକୁ ସଂଲଗ୍ନ କରିଥିଲେ । ସେତେବେଳେ ସେ ମୌଳିକ ଶିକ୍ଷା ଅଧିକାରୀଙ୍କୁ ଦରମା/ବେତନ ବିଲ୍, ଭାଉଚର ଇତ୍ୟାଦି ସମସ୍ତ ପ୍ରାସଙ୍ଗିକ ଦସ୍ତାବିଜର ନକଲ ପ୍ରଦାନ କରିବାକୁ ଆବେଦନ କରିଥିଲେ । ଯଦିଓ ମୌଳିକ ଶିକ୍ଷା ଅଧିକାରୀ ତାଙ୍କ ଦ୍ୱାରା ଆବଶ୍ୟକ ସମସ୍ତ ଦସ୍ତାବିଜ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ନଥିର ଭାରପ୍ରାପ୍ତ ଅଧିକାରୀ କୌଣସି ନା କୌଣସି ବାହାନା ଦେଇ ତାଙ୍କୁ ଦେବାକୁ ମନା କରିଦେଇଥିଲେ । ପ୍ରାରମ୍ଭରେ ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ଏହି ଦସ୍ତାବିଜଗୁଡ଼ିକ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟକୁ ଉପଲବ୍ଧ କରାଯାଇ ନାହିଁ ।

ମୁଖ୍ୟତଃ ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1 ଦ୍ୱାରା ଦାଖଲ କରାଯାଇଥିବା ଦଲିଲଗୁଡ଼ିକ ଉପରେ ନିର୍ଭର କରିଥିଲେ ଯେପରିକି - ବକେୟା ୫୦ ଟଙ୍କା ପ୍ରଦାନ ପ୍ରମାଣ କରୁଥିବା ଦଲିଲ, ତାଙ୍କର ସ୍ଥାନାନ୍ତର ଆଦେଶ, ଯୋଗଦାନ ସୂଚନା, ତାଙ୍କର ପ୍ରମାଣପତ୍ର ଉପସ୍ଥାପନ କରିବାକୁ ଆହ୍ୱାନ କରିଥିବା ଅଧ୍ୟକ୍ଷଙ୍କ ଚିଠି ଇତ୍ୟାଦି ଏବଂ ଜାଣିପାରିଲେ ଯେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ

ଉଲ୍ଲେଖ କରିଥିଲେ ଯେ ଜିଲ୍ଲା ପରିଷଦ ସୁଗ୍ରା ଦେବୀଙ୍କ ମାମଲାକୁ ବିରୋଧ କରିନାହାଁନ୍ତି କିମ୍ବା ସେ ଶିକ୍ଷୟିତ୍ରୀ ଭାବରେ କାମ କରୁ ନଥିବାର କୌଣସି ବୈଧ କାରଣ ନଥିରେ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଅନ୍ୟ ଏକ ପ୍ରାସଙ୍ଗିକ ନିଷ୍କର୍ଷ ହେଉଛି ଯେ ତାଲିକାରେ ଥରେ ଜଣେ କର୍ମଚାରୀଙ୍କ ନାମ ମିଳିବା ପରେ, ଅଧିନିୟମର ଧାରା 9(1) ର ବାଧ୍ୟତାମୂଳକ ବ୍ୟବସ୍ଥା ଅନୁଯାୟୀ କେଉଁ ପରିସ୍ଥିତିରେ କିମ୍ବା କେଉଁ କାରଣରୁ ସେହି କର୍ମଚାରୀଙ୍କ ସେବାକୁ ସ୍ଥାନାନ୍ତରିତ ବୋଲି ବିବେଚନା କରାଯାଇ ନଥିଲା ତାହାର କାରଣ କିମ୍ବା ବ୍ୟାଖ୍ୟା ଦେବା ପାଇଁ ମୌଳିକ ଶିକ୍ଷା ବୋର୍ଡ ଆଇନଗତ ବାଧ୍ୟତା ଅଧୀନରେ ଥିଲା । ଉତ୍ତରଦାତା ସଂଖ୍ୟା 1 କ୍ଷେତ୍ରରେ ଏହା ପାଳନ କରାଯାଇ ନଥିଲା । ତେଣୁ ତାଙ୍କ ସେବା ମୌଳିକ ଶିକ୍ଷା ପରିଷଦକୁ ସ୍ଥାନାନ୍ତରିତ ବୋଲି ବିବେଚନା କରାଯାଇଥିଲା । ଏହି କାରଣରୁ ଉଚ୍ଚ ନ୍ୟାୟାଳୟ ବିଦ୍ୱାନ ନ୍ୟାୟାଧିକରଣର ସିଦ୍ଧାନ୍ତକୁ ବାତିଲ କରିଥିଲେ ଏବଂ କହିଥିଲେ ଯେ ସେ ଚାକିରିରେ ରହିଛନ୍ତି । ପ୍ରତି ମାସରେ ଦରମା ପ୍ରଦାନ କରାଯାଉଥିବାରୁ କାର୍ଯ୍ୟାନୁଷ୍ଠାନର କାରଣ ଜାରି ରହିଥିଲା । ତେଣୁ ତମାଦି କାରଣରୁ ନ୍ୟାୟାଧିକରଣର ସିଦ୍ଧାନ୍ତକୁ ମଧ୍ୟ ଭୁଲ ବୋଲି ଧରାଯାଇଥିଲା । ଏହି ସମସ୍ତ ତଥ୍ୟକୁ ବିଚାର କରି ଉଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ସୁଗ୍ରା ଦେବୀ ଅବସର ଗ୍ରହଣ କରିବା ପୂର୍ବରୁ ତିନି ବର୍ଷ ପାଇଁ ଦରମା ପାଇବାକୁ ହକଦାର, ଯାହା ତାଙ୍କ ଅବସର ସମୟରେ ଥିବା ସଂଶୋଧିତ ଦରମା ଆଧାରରେ ଗଣନା କରାଯିବ । ଏହି ସିଦ୍ଧାନ୍ତ ଦ୍ୱାରା ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା । ଏହି ରାୟ ଆମ ସମ୍ମୁଖରେ ଆକ୍ଷେପିତ ହୋଇଛି ।

ବିଚାର ପାଇଁ ଏକମାତ୍ର ବିନ୍ଦୁ ହେଉଛି ଉତ୍ତରଦାତା ସଂଖ୍ୟା 1 ପ୍ରାସଙ୍ଗିକ ତାରିଖରେ ସେବାରେ ଥିଲେ କି ନାହିଁ । କେବଳ ସେ ନିଯୁକ୍ତି ପତ୍ର ପ୍ରଦାନ କରିପାରି ନଥିଲେ ବୋଲି ଆଧାରରେ ନ୍ୟାୟାଧିକରଣ ରାୟ ଦେଇଥିଲେ ଯେ ସେ କେବେ ଚାକିରିରେ ନଥିଲେ । ଅନ୍ୟ ପକ୍ଷରେ ଉଚ୍ଚ ନ୍ୟାୟାଳୟ ସ୍ଥାନାନ୍ତର ଆଦେଶ ଏବଂ ଯୋଗଦାନ ସୂଚନା ଭଳି ଦସ୍ତାବିଜ ଉପରେ ନିର୍ଭର କରି ଜାଣିଥିଲେ ଯେ ସେ ବୈଧ ଭାବେ ଚାକିରିରେ ଅଛନ୍ତି । ସମ୍ପୃକ୍ତ ଅବଧିରେ ତାଙ୍କୁ ବକେୟା ପ୍ରଦାନ କରାଯାଇଥିବା ନେଇ ମଧ୍ୟ ସକାରାତ୍ମକ ପ୍ରମାଣ ରହିଛି । ଏସବୁରୁ ଜଣାପଡ଼େ ଯେ ଜିଲ୍ଲା **ପରିଷଦ**ର ଅଧ୍ୟକ୍ଷ ତାଙ୍କୁ ଜଣେ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତ କରିଥିଲେ ଏବଂ ସେ ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ତେଣୁ ନ୍ୟାୟାଧିକରଣର ସିଦ୍ଧାନ୍ତକୁ ଗ୍ରହଣ କରିବା କଷ୍ଟକର । ଆମେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତକୁ ବଜାୟ ରଖୁଛୁ ଏବଂ ଉତ୍ତରଦାତା ସଂଖ୍ୟା 1 ଙ୍କୁ ଜଣେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ ବୋଲି ବିବେଚନା କରୁଛୁ । ୟୁପି ମୌଳିକ ଶିକ୍ଷା ଅଧିନିୟମ, 1972 ଅନୁଯାୟୀ ତାଙ୍କ ସେବା ମୌଳିକ ଶିକ୍ଷା ପରିଷଦକୁ ସ୍ଥାନାନ୍ତରିତ ହୋଇଥିଲା । ଯେହେତୁ ତାଙ୍କ ସେବା କେବେ ସମାପ୍ତ ହୋଇନଥିଲା, ସ୍ଥାନାନ୍ତର ହୋଇଥିବା କର୍ମଚାରୀଙ୍କ ତାଲିକାରୁ ତାଙ୍କ ନାମ କାହିଁକି ବାଦ୍ ପଡ଼ିଥିଲା ତାହା ଅପିଲକାରୀ ସଂଖ୍ୟା 1ଙ୍କୁ ବ୍ୟାଖ୍ୟା କରିବାକୁ ପଡିବ । ଅପରପକ୍ଷରେ, ଅପିଲକାରୀ ସଂଖ୍ୟା 1 ଦୃଢ଼ ଭାବେ ଏହି ଆଭିମୁଖ୍ୟ ବଜାୟ ରଖିଥିଲେ ଯେ ସେ କେବେବି ଚାକିରିରେ ନଥିଲେ । ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଆମେ ଏହି ଯୁକ୍ତିକୁ ସ୍ୱୀକାର କରିବା କଷ୍ଟକର ମନେ କରୁ । ଏଥିରେ ବିଫଳ ହେଲେ, ଉତ୍ତରଦାତା

ସଂଖ୍ୟା 1 ଙ୍କ ମାମଲା ଯେ ସକ୍ଷମ କର୍ତ୍ତୃପକ୍ଷ ତାଙ୍କୁ ଜଣେ ସହକାରୀ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ ଯୋଗଦେବାକୁ ବାରଣ କରାଯାଇଥିଲା, ଛୁଟି ପରେ ଜଣେ ଶିକ୍ଷୟିତ୍ରୀ ଭାବରେ ଗ୍ରହଣ କରିବାକୁ ପଡିବ । ଥରେ ସମାପ୍ତି କିମ୍ବା ବରଖାସ୍ତର କୌଣସି ଆଦେଶ ଉପସ୍ଥାପନ କରାଯାଇନଥିଲେ, ଆଇନ ଅନୁଯାୟୀ ତାଙ୍କ ଚାକିରିକୁ ମୌଳିକ ଶିକ୍ଷା ପରିଷଦକୁ ସ୍ଥାନାନ୍ତରିତ ହୋଇଥିବା ଭାବରେ ବିବେଚନା କରାଯିବ । ସେହି ପରିସ୍ଥିତିରେ ତାଙ୍କୁ ସେବାରେ ଜାରି ରହିଥିବା ବିବେଚନା କରିବାକୁ ପଡିବ ଏବଂ ପ୍ରତି ମାସରେ ଦରମା ପ୍ରଦାନ କରାଯାଉଥିଲା ଯାହା ତାଙ୍କୁ କାର୍ଯ୍ୟରେ ନିରନ୍ତରତା ରହିଥିବା ପ୍ରମାଣ ଦେଇଥିଲା । ତେଣୁ ଏହି ମାମଲାରେ ସୀମାବନ୍ଧନର ପ୍ରଶ୍ନ ମଧ୍ୟ ଉଠିବ ନାହିଁ । ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ । ଆମେ ହସ୍ତକ୍ଷେପ କରିବାକୁ ପ୍ରସ୍ତାବ ଦେଉ ନାହୁଁ । ଉଚ୍ଚ ନ୍ୟାୟାଳୟଙ୍କ ମତ ଯେ ଉତ୍ତରଦାତା ସଂଖ୍ୟା 1 ସଂଶୋଧିତ ଦରମା ଆଧାରରେ ଅବସର ତାରିଖ ପୂର୍ବରୁ ତିନି ବର୍ଷର ଦରମା ସହିତ ସମକକ୍ଷ କ୍ଷତିପୂରଣ ପାଇବାକୁ ହକଦାର, ତାହା ମଧ୍ୟ ଯଥେଷ୍ଟ ଯୁକ୍ତିଯୁକ୍ତ ।

ତେଣୁ ଆମେ ଏହି ଆବେଦନକୁ ଖାରଜ କରୁଛୁ । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଆଜିଠାରୁ ତିନି ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ।

ଭି.ଏସ୍.ଏସ୍. ଅପିଲ ଖାରଜ ହେଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।